GOVERNMENT OF ODISHA

ଓଡିଶା ସରକାର

## H & UD DEPARTMENT

## PARADEEP MUNICIPALITY, PARADEEP

## ଗୃହ ଓ ନଗର ଉନ୍ନୟନ ବିଭାଗ

## ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ

ପାରାଦ୍ୱୀପ ପୌର ପରିଷଦ ଦ୍ୱାରା ବିକେନ୍ଦ୍ରୀ କରଣ କଠିନ ବର୍ଜ୍ୟବସ୍ତୁ ପରିଚାଳନା ତଥା ଏହାର ସଂଗ୍ରହ ଏବଂ ସ୍ଥାନାନ୍ତର ଓ ଏହାକୁ ବିଓଭି ଦ୍ୱାରା ସମ୍ମତ କେନ୍ଦ୍ରକୁ ସ୍ଥାନାନ୍ତର ନିମନ୍ତେ ଉଦ୍ଧୃତି ଆହ୍ୱାନ "

| | |
|---|---|
| ଉଦ୍ଧୃତି ପତ୍ର ବିକ୍ରୟର ସମୟ | : ତା ୦୭.୧୦.୨୦୨୬ ରୁ ୨୬.୧୦.୨୦୨୬ରିଖ ଅପରାହ୍ନ ଘ୫.୦୦ଟିକା |
| ଉଦ୍ଧୃତି ପତ୍ର ଦାଖଲର ତାରିଖ ଓ ସମୟ | : ୨୭.୧୦.୨୦୨୬ରିଖ ଦିବା ଘ୧.୦୦ଟିକା |
| ଉଦ୍ଧୃତି ପତ୍ର ଖୋଲା ଯିବାର ତାରିଖ ଓ ସମୟ | : ୨୭.୧୦.୨୦୨୬ରିଖ ଅପରାହ୍ନ ଘ୦୩.୦୦ଟିକା |
| ଉଦ୍ଧୃତି ପତ୍ରର ମୂଲ୍ୟ | : ଟ.୫,୦୦୦.୦୦ଙ୍କା (ପାଞ୍ଚ ହଜାର ଟଙ୍କା) ମାତ୍ର |
| ଇଏମ୍‌ଡିର ମୂଲ୍ୟ | : ଟ.୩୦,୦୦୦.୦୦ଙ୍କା (ତିରିଶି ହଜାର ଟଙ୍କା)ମାତ୍ର |

ଆବେଦନ କାରୀଙ୍କ ନାମ

ନିର୍ବାହୀ ଅଧିକାରୀ

ପାରାଦ୍ୱୀପ ପୌର ପରିଷଦ

No.______________ Date.______________

## ପାରାଦ୍ୱୀପ ପୌର ପରିଷଦ ଦ୍ୱାରା ବିକେନ୍ଦ୍ରୀ କରଣ କଠିନ ବର୍ଜ୍ୟବସ୍ତୁ ପରିଚାଳନା ତଥା ଏହାର ସଂଗ୍ରହ ଏବଂ ସ୍ଥାନାନ୍ତର ଓ ଏହାକୁ ବିଓଭି ଦ୍ୱାରା ସମ୍ମତ କେନ୍ଦ୍ରକୁ ସ୍ଥାନାନ୍ତର ନିମନ୍ତେ ପ୍ରସ୍ତାବପତ୍ର

ପ୍ରସ୍ତାବ ସଂଖ୍ୟା--୪୧୨୦--/ ତା --୦୪-୧୦-୨୦୨୫--

ଏତଦ୍ ଦ୍ୱାରା ପାରାଦ୍ୱୀପ ପୌର ପରିଷଦ ଦ୍ୱାରା ପରିଚାଳନା କରାଯାଉଥିବା ୱେଲଥ୍ କେନ୍ଦ୍ରକୁ ଗୃହ ଅଳିଆ, କାର୍ଯ୍ୟାଳୟ, ଦୋକାନ, ମାର୍କେଟ ଏବଂ ବ୍ୟବସାୟକ ପ୍ରତିଷ୍ଠାନ ମାନଙ୍କରୁ ଅଳିଆ ସଂଗ୍ରହ, ସ୍ଥାନାନ୍ତର ଓ ପରିବହନ ପାଇଁ ସ୍ଥାନୀୟ ଇଚ୍ଛୁକ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ନିକଟରୁ ପ୍ରସ୍ତାବ ପତ୍ର ଗ୍ରହଣ କରାଯାଉଛି। ଇଚ୍ଛୁକ ଏବଂ ଦକ୍ଷ ଗୋଷ୍ଠୀମାନେ ତା.୦୭.୧୦.୨୦୨୬ ରିଖ ଠାରୁ ତା ୨୬.୧୦.୨୦୨୬ ରିଖ (ଅପରାହ୍ଣ ଘ୫.୦୦ଟିକା) ଉଦ୍ଧୃତି ପତ୍ର କ୍ରୟ କରିପାରିବେ ଏବଂ ତା୨୭.୧୦.୨୦୨୬ରିଖ ଦିନ ଘ୧.୦୦ଟିକା ସୁଦ୍ଧା ପ୍ରସ୍ତାବ ପତ୍ର ପୂରଣ କରି ଆବଶ୍ୟକୀୟ ଦସ୍ତାବିଜ ସହିତ ବନ୍ଦ/ମୁଦା ଲଫାପାରେ ପୌର ପରିଷଦ କାର୍ଯ୍ୟଳୟର ଟେଣ୍ଡର ବକ୍ସରେ ଦାଖଲ କରିବାକୁ ଅବଗତ କରାଗଲା। ଏହି ପ୍ରସ୍ତାବ ପତ୍ରଟି ତା ୨୭.୧୦.୨୦୨୬ ରିଖ ଅପରାହ୍ଣ ଘ୩.୦୦ଟିକା ସମୟରେ ଉପସ୍ଥିତ ଆବେଦନକାରୀଙ୍କ ସମ୍ମୁଖରେ ଖୋଲାଯିବ । ପ୍ରସ୍ତାବ ପତ୍ର ପାରାଦ୍ୱୀପ ପୌର ପରିଷଦର ୱେବ୍ ସାଇଟ୍- ଯଥା: www.paradeepmunicipality.in ରୁ ତା୦୭.୧୦.୨୦୨୬ ରିଖ ଠାରୁ ତା ୨୬.୧୦.୨୦୨୬ ରିଖ ଅପରାହ୍ଣ ଘ୫.୦୦ଟିକା ପର୍ଯ୍ୟନ୍ତ ତଥା ପୌର କାର୍ଯ୍ୟାଳୟରୁ ପ୍ରାପ୍ତ ହୋଇ ପାରିବ। ଏହି ପ୍ରସ୍ତାବ ପତ୍ରର ମୂଲ୍ୟ ଟ. ୫,୦୦୦.୦୦ଙ୍କା (ପାଞ୍ଚ ହଜାର) ଟଙ୍କା (ଅଫେରସ୍ତ) ଓ ଇ.ଏମ.ଡି ଟ.୩୦,୦୦୦ଙ୍କା(ତିରିଶି ହଜାର ଟଙ୍କା ମାତ୍ର) ରଖାଯାଇ ଅଛି। ଏହାକୁ ଏମ୍.ଆର/ଡି.ଡି/ବ୍ୟାଙ୍କ ଡ୍ରାଫଟ୍/ବ୍ୟାଙ୍କରସ୍ ଚେକ ମାଧ୍ୟମରେ ପ୍ରଦାନ କରିବେ ଯାହାକି – ନିର୍ବାହୀ ଅଧିକାରୀ, ପାରାଦ୍ୱୀପ ପୌର ପରିଷଦଙ୍କ ନାମରେ ହୋଇଥିବ ଏବଂ ଏହା ପାରାଦ୍ୱୀପର ଯେକୌଣସି ବ୍ୟାଙ୍କରେ ଏହା ସଂଗ୍ରହ ହୋଇ ପାରୁଥିବା ନିତ୍ୟାନ୍ତ ଆବଶ୍ୟକ । ନିର୍ଦ୍ଧାରିତ ତାରିଖ ପରେ କୌଣସି ଆବେଦନ ଗ୍ରହଣ କରାଯିବ ନାହିଁ। ଇଚ୍ଛୁକ ସ୍ୱୟଂ ସହାୟକ ଗୋଷ୍ଠୀ ମାନେ ନିମ୍ନଲିଖିତ କାଗଜ ପତ୍ର ସହିତ ପ୍ରସ୍ତାବ ପତ୍ରକୁ ପୁରଣ କରି ପାରାଦ୍ୱୀପ ପୌର ପରିଷଦର ଟେଣ୍ଡର ବକ୍ସରେ ଦାଲଖ କରିବେ।



ଅଧିକାରୀ

**ପ୍ରସ୍ତାବ ପତ୍ର ସହିତ ନିମ୍ନଲିଖିତ ସର୍ତ୍ତାବଳୀ**

୧. ସ୍ୱୟଂ ସହାୟକ ଗୋଷ୍ଠୀ ତା ୩୦.୦୯.୨୦୨୬ରିଖ ସୁଦ୍ଧା ସର୍ବନିମ୍ନ ୨ ଦୁଇ ବର୍ଷ ହୋଇଥିବା ଆବଶ୍ୟକ।

୨. ସ୍ୱୟଂ ସହାୟକ ଗୋଷ୍ଠୀ ପାରାଦ୍ୱୀପ ପୌରାଞ୍ଚଳ ମଧ୍ୟରେ ହୋଇଥିବା ଆବଶ୍ୟକ।

୩. ସ୍ୱୟଂ ସହାୟକ ଗୋଷ୍ଠୀର ଏକ ସକ୍ରିୟ ବ୍ୟାଙ୍କ ଜମାଖାତା ଥିବ, ଯେଉଁଥିରେ କି ସେମାନଙ୍କର ମାସିକ ସଭ୍ୟଚାନ୍ଦା ନିୟମିତ ମାସିକ ସଞ୍ଚୟ କରାଯାଇଥିବ।

୪. ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟର ପରିଚାଳନା ପାଇଁ ୨ବର୍ଷରେ ଅତି କମରେ ୧୦ ଲକ୍ଷ ଟଙ୍କାର କାରବାର ହୋଇଥିବା ଆବଶ୍ୟକ (ବ୍ୟାଙ୍କ ଷ୍ଟେଟ୍‌ମେଣ୍ଟ ତା.୦୧.୧୦.୨୦୨୪ ଠାରୁ ତା.୩୦.୦୯.୨୦୨୬ ପର୍ଯ୍ୟନ୍ତ ପ୍ରସ୍ତାବ ପତ୍ର ସହିତ ସଂଲଗ୍ନ ଥିବା ଆବଶ୍ୟକ)

୫. ସ୍ୱୟଂ ସହାୟକ ଗୋଷ୍ଠୀ ଗୃପ୍ ପଞ୍ଚସୁତ୍ର (ନିୟମିତ ସଭା, ନିୟମିତ ସଂଚୟ, ନିଜ ଭିତରେ ନିୟମିତ ଲୋନ ପ୍ରଦାନ, ନିୟମିତ ଲୋନ୍ ପଇସା ଫେରସ୍ତ ଓ ଖାତାପତ୍ର ଲିପିବଦ୍ଧ) ହେଉଥିବା ଆବଶ୍ୟକ। ଏ ସମସ୍ତ ବିବରଣୀର ୨ ବର୍ଷର ତଥ୍ୟ। (୦୧.୧୦.୨୦୨୫ ଠାରୁ ତା.୩୦.୦୯.୨୦୨୬ ପର୍ଯ୍ୟନ୍ତ) ପ୍ରସ୍ତାବ ପତ୍ର ସହିତ ସଂଲଗ୍ନ ଥିବା ଆବଶ୍ୟକ।

୬. ସ୍ୱୟଂ ସହାୟକ ଗୋଷ୍ଠୀ ର ପ୍ୟାନ୍‌କାର୍ଡ ଥିବା ଜରୁରୀ ଅଟେ ଏବଂ ଏହାର ଏକ କପି ପ୍ରସ୍ତାବ ସଂଯୋଗ କରିବେ।

୭. ସ୍ୱୟଂ ସହାୟକ ଗୋଷ୍ଠୀର ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ରରେ ତିନି ବର୍ଷର ପୂର୍ବ ଅଭିଜ୍ଞତା ଥିବା ଆବଶ୍ୟକ।

୮. ସ୍ୱୟଂ ସହାୟକ ଗୋଷ୍ଠୀର କୌଣସି ସଦସ୍ୟାଙ୍କ ବିରୁଦ୍ଧରେ କୌଣସି ଅପରାଧିକ ମାମଲାର ରେକର୍ଡ ନଥିବ ତଥା ଦେବାଳିଆ ହୋଇ ନଥିବ।

୯. ସ୍ୱୟଂ ସହାୟକ ଗୋଷ୍ଠୀ ସମସ୍ତ ୱାର୍ଡ ପାଇଁ ପ୍ରସ୍ତାବ ପତ୍ର ପକାଇ ପାରିବେ ମାତ୍ର ଅତି ବେଶିରେ ତିନିଗୋଟି ୱାର୍ଡର ବର୍ଜ୍ୟବସ୍ତୁ ସଂଗ୍ରହ ନିମନ୍ତେ କାର୍ଯ୍ୟାଦେଶ ପାଇ ପାରିବେ।

୧୦. ପ୍ରସ୍ତାବ ପତ୍ର ପ୍ରଦାନ ସମୟରେ ଦୁଇଟି ପ୍ରପୋଜାଲକୁ ଅଲଗା ଅଲଗା କରି ପ୍ରଦାନ କରିବେ।

କ) ଟେକନିକାଲ ବିଡିଂ (ଅଲଗା ଇନ୍‌ଭଲପ) ଉପରେ "ୱାର୍ଡ ନଂ ..... କଠିନ ବର୍ଜ୍ୟବସ୍ତୁ ପରିଚାଳନା ତଥା ଏହାର ସଂଗ୍ରହ ଏବଂ ସ୍ଥାନାନ୍ତର ଓ ଏହାକୁ ବିଓଭି ଦ୍ୱାରା ସମ୍ମତ କେନ୍ଦ୍ରକୁ ସ୍ଥାନାନ୍ତର ପାଇଁ ଟେକନିକାଲ ପ୍ରସ୍ତାବ ପତ୍ର" ଲେଖା ରହିବ – ଯେଉଁଥିରେ କି ପ୍ରସ୍ତାବ ପତ୍ର ସହିତ ସମସ୍ତ କାଗଜାତ ଯଥା– ଗୃପର



ଅଭିଯନ୍ତା

ରିଜଲ୍ୟୁସନ (୧ ବର୍ଷର), କ୍ୟାସ୍ ବୁକ୍ (୨ ବର୍ଷର), ପାସ୍‌ବୁକ(୧ ବର୍ଷର), ପ୍ୟାନ କାର୍ଡ, ଅଭିଜ୍ଞତା ପ୍ରମାଣପତ୍ର, ଇପିଏଫ, ଇଏସ୍ଆଇ, ଓ ପେପର ମୂଲ୍ୟ, ଇଏମେଡି ରାଶି ଇତ୍ୟାଦିର କପି ରହିଥିବା ମୁଲ୍ୟାଙ୍କନ ପଦ୍ଧତିରେ ଯେଉଁ ଗୋଷ୍ଠୀ ୪୦ମାର୍କରୁ ଅଧିକା ରଖିବେ ସେହି ଗୋଷ୍ଠୀ ମାନଙ୍କର ଫାଇନାନ୍ସିଆଲ ବିଡିକୁ ଖୋଲାଯିବ।

ଖ) ଫାଇନାନ୍ସିସଆଲ ବିଡିଂ (ଅଲଗା ଇନ୍‌ଭଲପ) ଉପରେ ''ୱାର୍ଡ ନଂ ..... କଠିନ ବର୍ଜ୍ୟବସ୍ତୁ ପରିଚାଳନା ତଥା ଏହାର ସଂଗ୍ରହ ଏବଂ ସ୍ଥାନାନ୍ତର ଓ ଏହାକୁ ବିଓଭି ଦ୍ୱାରା ସମ୍ମତ କେନ୍ଦ୍ରକୁ ସ୍ଥାନାନ୍ତର ପାଇଁ ଫାଇନାନ୍ସିସଆଲ ପ୍ରସ୍ତାବ ପତ୍ର'' ଲେଖା ରହିବ ଯେଉଁଥିରେ ୱାର୍ଡରେ ବର୍ଜ୍ୟବସ୍ତୁ ସଂଗ୍ରହ, ପୃଥକୀକରଣ ତଥା ସ୍ଥାନାନ୍ତର ପାଇଁ କେତେ ଅର୍ଥ ବ୍ୟୟ କରିବେ ଓ ଏହି ଅର୍ଥ କେଉଁ କେଉଁ ବାବଦ ପାଇଁ ଖର୍ଚ୍ଚ କରିବେ ତାହାର ବିସ୍ତୃତ ବିବରଣୀ ପ୍ରଦାନ କରିବେ।

୧୧. ପେପର ମୂଲ୍ୟ (ଅଫେରସ୍ତ) ଟ.୫,୦୦୦.୦୦ (ପାଞ୍ଚ ହଜାର ଟଙ୍କା) ମାତ୍ର, ଇ.ଏମ.ଡି ଟ.୩୦,୦୦୦ଙ୍କା(ତିରିଶି ହଜାର ଟଙ୍କା ମାତ୍ର) ଯାହାକି – ନିର୍ବାହୀ ଅଧିକାରୀ, ପାରାଦ୍ୱୀପ ପୌର ପରିଷଦଙ୍କ ନାମରେ ହୋଇଥିବ ଏବଂ ଏହା ପାରାଦ୍ୱୀପର ଯେକୌଣସି ବ୍ୟାଙ୍କରେ ଏହା ସଂଗ୍ରହ ହୋଇ ପାରୁଥିବା ନିତ୍ୟାନ୍ତ ଆବଶ୍ୟକ ।

୧୨. ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ଦୁଇ ବର୍ଷର ଅଭିଜ୍ଞତା ପ୍ରମାଣ ପତ୍ର ଥିବା ଆବଶ୍ୟକ। ଏଥିପାଇଁ କାର୍ଯ୍ୟକରୁଥିବା ସଂସ୍ଥା ପାଇଥିବା କାର୍ଯ୍ୟାଦେଶର ସଂଲଗ୍ନ ହୋଇଥିବା ଆବଶ୍ୟକ।

୧୩. ବିଭିନ୍ନ ସମୟରେ ସରକାରଙ୍କ ଶ୍ରମ ଓ ନିଯୁକ୍ତି ବିଭାଗ ଦ୍ୱାରା ବର୍ଦ୍ଧିତ ଶ୍ରମିକ ମଜୁରୀ ଅନୁଯାୟୀ ନିୟୋଜିତ ଶ୍ରମିକ ମାନଙ୍କ ପାଉଣା ବର୍ଦ୍ଧିତ କରାଯିବ।

୧୪. କୌଣସି କାରଣ ନଦର୍ଶାଇ ଅଧିକାରୀ ଯେକୌଣସି କିମ୍ବା ସମସ୍ତ ପ୍ରସ୍ତାବ ପତ୍ରକୁ ନଦର୍ଶାଇ ନାକଚ କରିପାରିବେ।

ଅଭିଷେକ ପଣ୍ଡା
03/10/2026.
ନିର୍ବାହୀ ଅଧିକାରୀ
ପାରାଦ୍ୱୀପ ପୌର ପାଳିକା

ଜ୍ଞାପକ ସଂଖ୍ୟା ....୫୧୨୧.... ତା ...03-10-2025...

ଏହି ପ୍ରସ୍ତାବପତ୍ରର ଏକକିତା ନକଲ ପୌର ପରିଷଦ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ/ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ /ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ, କୁଜଙ୍ଗଙ୍କ ନୋଟିସ୍ ବୋର୍ଡରେ ପ୍ରକାଶନ କରାଯାଇ ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା ଲଟକା ଯିବା ପାଇଁ ଅନୁରୋଧ କରାଗଲା।

ଅଭିଷେକ ପଣ୍ଡା
03/10/2026
ନିର୍ବାହୀ ଅଧିକାରୀ
ପାରାଦ୍ୱୀପ ପୌର ପାଳିକା

ଜ୍ଞାପକ ସଂଖ୍ୟା ...୪୯୨୨... ତା ୦୫-୧୦-୨୦୨୫

ଏହାର ଏକକିତା ନକଲ ପ୍ରକଳ୍ପ ନିର୍ଦ୍ଦେଶକ, ଡୁଡା, ଜଗତସିଂହପୁର/ ମିସନ୍ ଡାଇରେକ୍ଟର, ଏସ୍‌ବିଏମ୍, ଗୃହ ଓ ନଗର ଉନ୍ନୟନ ବିଭାଗ, ଭୁବନେଶ୍ୱରଙ୍କ ଗୋଚରାର୍ଥେ ଜଣାଇ ଦିଆଗଲା ।

ନିର୍ବାହୀ ଅଧିକାରୀ
ପାରାଦ୍ୱୀପ ପୌର ପାଳିକା

ଜ୍ଞାପକ ସଂଖ୍ୟା ...୪୯୨୩... ତା ୦୫-୧୦-୨୦୨୫

ଏହାର ଏକକିତା ନକଲ କ୍ୟାସିୟର/ହିସାବ ରକ୍ଷକ/ ମୁଖ୍ୟ ସହାୟକଙ୍କ ଗୋଚରାର୍ଥେ ଜଣାଇ ଦିଆଗଲା ଏତଦ୍ ସହିଦ ଆବଶ୍ୟକୀୟ ପେପର ମୂଲ୍ୟ ରଖି ବିଡରଙ୍କୁ ବିଡ୍ ଡକୁମେଣ୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ ପ୍ରଦାନ କରାଗଲା।

ନିର୍ବାହୀ ଅଧିକାରୀ
ପାରାଦ୍ୱୀପ ପୌର ପାଳିକା

## ସର୍ତ୍ତାବଳି

୧. ପୌର ପରିଷଦର ୧୯ଟି ୱାର୍ଡ଼ରୁ ପ୍ରତ୍ୟେକ ଦିନ ୨୦ଟନ ଶୁଖିଲା ଓ ଓଦା ଅଳିଆ ସଂଗ୍ରହ କରାଯାଉଛି। ପ୍ରତ୍ୟେକ ଦିନ ପୌର ପରିଷଦର ସମସ୍ତ ଗୃହରୁ ଅଳିଆ ସଂଗ୍ରହ ହୋଇଥାଏ। ଅବଶିଷ୍ଟ ଅଳିଆ ଗୁଡିକ ବିଭିନ୍ନ କାର୍ଯ୍ୟାଳୟ, ମାର୍କେଟ, ବ୍ୟବସାୟୀକ ପ୍ରତିଷ୍ଠାନ, ହୋଟେଲ ଇତ୍ୟାଦିରୁ ସଂଗ୍ରହ କରାଯାଏ।

୨. ସରକାରଙ୍କ ସଲିଡ୍ ୱେଏଷ୍ଟ ମ୍ୟାନେଜମେଣ୍ଟ ରୁଲ- ୨୦୧୬ ଅନୁଯାଇ ଗୃହକୁ ଗୃହ ଅଳିଆ ସଂଗ୍ରହ କାର୍ଯ୍ୟ ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ପାରାଦ୍ୱୀପ ପୌର ପରିଷଦ ଦ୍ୱାରା ଆରମ୍ଭ କରାଯାଇ ଥିଲା। ପରବର୍ତ୍ତି ସମୟରେ ଗୃହ ଓ ନଗର ଉନ୍ନୟନ ବିଭାଗର ପତ୍ରସଂଖ୍ୟା ୮୫୩ ତା ୧୮.୧.୨୦୨୧ରିଖ ଅନୁଯାଇ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଅଳିଆ ସଂଗ୍ରହ କରାଯାଇ ସମ୍ପଦ କେନ୍ଦ୍ର (ୱେଲଥ୍ କେନ୍ଦ୍ର)କୁ ସ୍ଥାନାନ୍ତର କାର୍ଯ୍ୟ କରାଯାଉ ଅଛି। ସ୍ୱୟଂ ସହାୟକ ଗୋଷ୍ଠୀକୁ ସଂଶ୍ଳିଷ୍ଟ କରିବା ଦ୍ୱାରା ଅଳିଆ ସଂଗ୍ରହ କ୍ଷେତ୍ରରେ ଏକ ଦୃଶ୍ୟମାନ କାର୍ଯ୍ୟ ପୌରାଞ୍ଚଳରେ ପରିଲକ୍ଷିତ ହେଉଅଛି।

### ଅଳିଆ ସଂଗ୍ରହ କାର୍ଯ୍ୟର ଲକ୍ଷ୍ୟ

୩. ସ୍ୱୟଂ ସହାୟକ ଗୋଷ୍ଠୀ ସଂଶିଷ୍ଠ କରାଇ ଗୃହରୁ ଗୃହ ଓଦା ଓ ଶୁଖିଲା ଅଳିଆ ସଂଗ୍ରହ କରାଯିବା ସହିତ ବିଭିନ୍ନ କାର୍ଯ୍ୟାଳୟ, ମାର୍କେଟ, ବ୍ୟବସାୟୀକ ପ୍ରତିଷ୍ଠାନ, ହୋଟେଲ ଇତ୍ୟାଦିରୁ ସଂଗ୍ରହ କରାଯିବା ସହିତ ଅଳିଆ ଗୁଡିକୁ ବିଓଭି ଦ୍ୱାରା ୱେଲଥ କେନ୍ଦ୍ରକୁ ପରିବହନ କରାଯିବ ।

### ୪. ଅଳିଆ ସଂଗ୍ରହ କାର୍ଯ୍ୟର ପରିସର ଏବଂ ସର୍ତ୍ତାବଳୀ

ପୃଥକ କଠିନ ବର୍ଜ୍ୟବସ୍ତୁ, ରାସ୍ତା ସଫା ଏବଂ ସମ୍ପଦ କେନ୍ଦ୍ର (ୱେଲଥ୍ କେନ୍ଦ୍ର)କୁ ପରିବହନ ପାଇଁ ମ୍ୟୁନିସିପାଲିଟି ସଲିଡ୍ ୱେଷ୍ଟ ପାଇଁ କାର୍ଯ୍ୟର ପରିସର।

କ) ବର୍ଜ୍ୟ ବସ୍ତୁକୁ ପୃଥକୀକରଣ କରାଯାଇ ଅଳିଆ ସଂଗ୍ରହ

୧. ବାୟୋଡିଗ୍ରେଡେବୁଲ ଅଳିଆ (ଓଦା ଅଳିଆ)

୨. ନନ୍ ବାୟୋଡିଗ୍ରେଡେବୁଲ ଅଳିଆ (ଶୁଖିଲା ଅଳିଆ)

୩. ସ୍ୱତନ୍ତ୍ର ଯତ୍ନ ଆବର୍ଜନା (Special care Waste)

୪. ସ୍ୱାସ୍ଥ୍ୟଗତ ବର୍ଜ୍ୟବସ୍ତୁ (Sanitary Waste)

ଖ) ସ୍ୱୟଂ ସହାୟକ ଗୋଷ୍ଠୀ ଶୁଖିଲା ଓ ଓଦା ଅଳିଆ ଗୁଡିକୁ ପ୍ରତ୍ୟେକ ଗୃହ, କାର୍ଯ୍ୟାଳୟ, ଦୋକାନ, ମାର୍କେଟ, ବ୍ୟବସାୟୀକ ପ୍ରତିଷ୍ଠାନ, ହୋଟେଲ ଇତ୍ୟାଦିରୁ ସଂଗ୍ରହ କରିବେ।

ଗ) ବର୍ଜ୍ୟବସ୍ତୁକୁ ପୃଥକିକରଣ କରି ପ୍ରଦାନ କରିବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ଗୃହ ଗୁଡିକରେ ସଚେତନତା ସୃଷ୍ଟି କରିବେ।

## ୫. ବର୍ଜ୍ୟବସ୍ତୁ ସଂଗ୍ରହର ପ୍ରକ୍ରୀୟା

ସମସ୍ତ ବର୍ଜ୍ୟବସ୍ତୁ ଗୁଡିକ ବ୍ୟାଟେରୀ ଦ୍ବାରା ପରିଚାଳିତ ଅଟୋ (BOV) ଦ୍ବାରା ସଂଗ୍ରହ କରାଯିବ। ଏଥିପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡିକ ନିଜର କ୍ରୟ କରିଥିବା ବିଓଭି କୁ କାର୍ଯ୍ୟରେ ଲଗାଇବେ।

- କାର୍ଯ୍ୟାଦେଶ ପାଇଥିବା ଗୋଷ୍ଠୀ ତାଙ୍କୁ ଗ୍ରୁପ୍‌ରୁ ଦୁଇ ଜଣ ମହିଳା ସଫେଇ କର୍ମୀ (ଜଣେ ସ୍ୱଚ୍ଛ ସାରଥି(Driver) ଓ ଜଣେ ସହ କର୍ମୀ (Helper) ନିୟୋଜନ କରିବେ। ଯଦି କୌଣସି ଡ୍ରାଇଭର କିମ୍ବା ହେଲପର ଛୁଟିରେ ରୁହନ୍ତି ତେବେ ଗୋଷ୍ଠୀ ସେମାନଙ୍କ ବଦଳରେ ଅନ୍ୟ ମହିଳାଙ୍କୁ ନିୟୋଜନ କରିବେ। କୌଣସି ପରିସ୍ଥିତିରେ ଅଳିଆ ସଂଗ୍ରହ କାର୍ଯ୍ୟ ବନ୍ଦ ରହିବ ନାହିଁ।
- କାର୍ଯ୍ୟାଦେଶ ପାଇଥିବା ଗୋଷ୍ଠୀ ସରକାରଙ୍କ ଦ୍ବାରା ପ୍ରଦତ୍ତ ନୂତନ ଲେବର ରୁଲ୍ ନିୟମକୁ ପାଳନ କରିବେ। ଏଥିରେ ଖିଲାପ ହେଲେ ଲେବର ରୁଲ୍ ଅନୁଯାଇ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।
- **ବର୍ଜ୍ୟବସ୍ତୁ ସ୍ଥାନାନ୍ତର ସ୍ଥାନ**

| ୱାର୍ଡ ନଂ | ବିଓଭି ସଂଖ୍ୟା | ଓେଲଥ୍ କେନ୍ଦ୍ରର ନାମ |
|---|---|---|
| ୧ | ୧ | ରଙ୍ଗିଆଗଡ, ୱାର୍ଡ ନଂ ୫ |
| ୨ | ୨ | ରଙ୍ଗିଆଗଡ, ୱାର୍ଡ ନଂ ୫ |
| ୩ | ୩ | ରଙ୍ଗିଆଗଡ, ୱାର୍ଡ ନଂ ୫ |
| ୪ | ୨ | ରଙ୍ଗିଆଗଡ, ୱାର୍ଡ ନଂ ୫ |
| ୫ | ୭ | ରଙ୍ଗିଆଗଡ, ୱାର୍ଡ ନଂ ୫ |
| ୬ | ୨ | ରଙ୍ଗିଆଗଡ, ୱାର୍ଡ ନଂ ୫ |
| ୭ | ୨ | ରଙ୍ଗିଆଗଡ, ୱାର୍ଡ ନଂ ୫ |
| ୮ | ୧ | ରଙ୍ଗିଆଗଡ, ୱାର୍ଡ ନଂ ୫ |
| ୯ | ୧ | ରଙ୍ଗିଆଗଡ, ୱାର୍ଡ ନଂ ୫ |
| ୧୦ | ୨ | ବଙ୍ଗାଳିପଡା, ୱାର୍ଡ ନଂ ୧୩ |
| ୧୧ | ୨ | ବଙ୍ଗାଳିପଡା, ୱାର୍ଡ ନଂ ୧୩ |
| ୧୨ | ୨ | ବଙ୍ଗାଳିପଡା, ୱାର୍ଡ ନଂ ୧୩ |
| ୧୩ | ୨ | ବଙ୍ଗାଳିପଡା, ୱାର୍ଡ ନଂ ୧୩ |

| | | |
|---|---|---|
| ୧୪ | ୨ | ବଙ୍ଗାଳିପଡା, ୱାର୍ଡ ନଂ ୧୩ |
| ୧୫ | ୨ | ରଙ୍ଗିଆଗଡ, ୱାର୍ଡ ନଂ ୫ |
| ୧୬ | ୨ | ବଙ୍ଗାଳିପଡା, ୱାର୍ଡ ନଂ ୧୩ |
| ୧୭ | ୨ | ବଙ୍ଗାଳିପଡା, ୱାର୍ଡ ନଂ ୧୩ |
| ୧୮ | ୨ | ବଙ୍ଗାଳିପଡା, ୱାର୍ଡ ନଂ ୧୩ |
| ୧୯ | ୩ | ବଙ୍ଗାଳିପଡା, ୱାର୍ଡ ନଂ ୧୩ |

ଏତଦ୍ ବ୍ୟତିତ ଆବଶ୍ୟକ ଅନୁଯାୟୀ ବି.ଓ.ଭି ଗାଡି ଗୁଡିକର ଅଳିଆ ସ୍ଥାନାନ୍ତର ପ୍ଲାଣ୍ଟ ପରିବର୍ତ୍ତନ କରାଯାଇ ପାରେ। ଏହାର ଅବମାନନା ହେଲେ କାର୍ଯ୍ୟାଦେଶ ବାତିଲି କରାଯିବ।

## ୬. ପ୍ରୋଜେକ୍ଟ ପିରିୟଡ

- ବିଓଭି ଗାଡି ଦ୍ୱାରା ଅଳିଆ ସଂଗ୍ରହ କାର୍ଯ୍ୟର ଟେଣ୍ଡର ଅବଧି **ତିନି ବର୍ଷ** ରଖାଯାଇ ଅଛି।
- ତିନି ବର୍ଷପରେ ପୁନଃର୍ବାର ପ୍ରସ୍ତାବପତ୍ର ଆହ୍ୱାନ କରାଯିବ ଅଥବା ଯଦି ଅଧିକାରୀ କାର୍ଯ୍ୟର ଅଗ୍ରଗତି ଉପରେ ସନ୍ତୁଷ୍ଟ ହୁଅନ୍ତି ତେବେ ଏହାକୁ ପୁନଃର୍ବାର **ଏକବର୍ଷ** ପାଇଁ ବର୍ଦ୍ଧିତ କରାଯାଇ ପାରେ।
- ସ୍ୱୟଂ ସହାୟକ ଗୋଷ୍ଠୀର କାର୍ଯ୍ୟ ଦକ୍ଷତା ଓ କାର୍ଯ୍ୟ ଶୈଳିରେ ତ୍ରୃଟି ପରିଲକ୍ଷତ ହୁଏ ବା ନଜରକୁ ଆସେ ତେବେ ଅଧିକାରୀ ଉକ୍ତ ଗୋଷ୍ଠୀର କାର୍ଯ୍ୟାଦେଶକୁ ବାତିଲି କରି ପାରିବେ।

## ୭. ପ୍ରସ୍ତାବ ପାଇଁ ଆବଶ୍ୟକୀୟ ନଥିପତ୍ର

୧. ପ୍ରସ୍ତାବ ପତ୍ର ପୌର କାର୍ଯ୍ୟାଳୟ କିମ୍ବା ପାରାଦ୍ୱୀପ ପୌର ପରିଷଦର ୱେବ୍ ସାଇଟରୁ ପ୍ରାପ୍ତ ହୋଇ ପାରିବ ଯଥା: www.paradeepmunicipality.in ରୁ ଡାଉନ୍‌ଲୋଡ ହୋଇ ପାରିବେ। ଏତଦ୍ ବ୍ୟତିତ କାର୍ଯ୍ୟାଳୟରେ ଆବଶ୍ୟକୀୟ ପେପର ମୂଲ୍ୟ ଦାଖଲ କରି ପ୍ରାପ୍ତ ହୋଇ ପାରିବେ।

୨. ପ୍ରସ୍ତାବପତ୍ର କ୍ରୟ ପାଇଁ ଟ.୫,୦୦୦.୦୦ଙ୍କା (ପାଞ୍ଚ ହଜାର ଟଙ୍କା) (ଅଫେରସ୍ତ) ଏବଂ ଇ.ଏମ୍.ଡି ଡି ଟ.୩୦,୦୦୦.୦୦ଙ୍କା (ତିରିଶି ହଜାର ଟଙ୍କା ମାତ୍ର) ଏମ.ଆର/ଡି.ଡି /ବ୍ୟାଙ୍କ ଡ୍ରାଫଟ୍/ବ୍ୟାଙ୍କରସ୍ ଚେକ ଯାହାକୁ ନିର୍ବାହୀ ଅଧିକାରୀ, ପାରାଦ୍ୱୀପ ପୌର ପରିଷଦଙ୍କ ନାମରେ ହୋଇଥିବ ଏବଂ ଏହା ପାରାଦ୍ୱୀପର ଯେକୌଣସି ବ୍ୟାଙ୍କରେ ଏହା ସଂଗ୍ରହ ହୋଇ ପାରୁଥିବା ନିତ୍ୟାନ୍ତ ଆବଶ୍ୟକ ।

୩. ସ୍ୱୟଂ ସହାୟକ ଗୋଷ୍ଠୀ ତା ୩୦.୦୯.୨୦୨୬ରିଖ ସୁଦ୍ଧା ସର୍ବନିମ୍ନ ୨ ଦୁଇ ବର୍ଷ ହୋଇଥିବା ଆବଶ୍ୟକ। (ପ୍ରଥମ ଅଧିବେଶନର ବିବରଣୀର ନକଲ)

୪. ସ୍ୱୟଂ ସହାୟକ ଗୋଷ୍ଠୀ ପାରାଦ୍ୱୀପ ପୌରାଞ୍ଚଳ ମଧ୍ୟରେ ହୋଇଥିବା ଆବଶ୍ୟକ।



ଅଚ୍ୟୁତ ଧଳ

୫. ସ୍ୱୟଂ ସହାୟକ ଗୋଷ୍ଠୀର ଏକ ସକ୍ରିୟ ବ୍ୟାଙ୍କ ଜମାଖାତା ଥିବ, ଯେଉଁଥିରେ କି ନିୟମିତ ମାସିକ ସଞ୍ଚୟ କରାଯାଇଥିବ। ୨ ବର୍ଷରେ ଅତି କମରେ ୧୦ ଲକ୍ଷ ଟଙ୍କାର କାରବାର ହୋଇଥିବା ଆବଶ୍ୟକ (ବ୍ୟାଙ୍କ ଷ୍ଟେଟ୍‌ମେଣ୍ଟ ତା.୦୧.୧୦.୨୦୨୪ ଠାରୁ ତା.୩୦.୦୯.୨୦୨୬ ପର୍ଯ୍ୟନ୍ତ ପ୍ରସ୍ତାବ ପତ୍ର ସହିତ ସଂଲଗ୍ନ ଥିବା ଆବଶ୍ୟକ)

୬. ସ୍ୱୟଂ ସହାୟକ ଗୋଷ୍ଠୀ ଗୃପ୍ **ପଞ୍ଚସୂତ୍ର** (ନିୟମିତ ସଭା, ନିୟମିତ ସଂଚୟ, ନିଜ ଭିତରେ ନିୟମିତ ଲୋନ୍ ପ୍ରଦାନ, ନିୟମିତ ଲୋନ୍ ପଇସା ଫେରସ୍ତ ଓ ଖାତାପତ୍ର ଲିପିବଦ୍ଧ) ହେଉଥିବା ଆବଶ୍ୟକ। ଏ ସମସ୍ତ ବିବରଣୀର ୨ବର୍ଷର ତଥ୍ୟ **(ତା୦୧.୧୦.୨୦୨୪ ଠାରୁ ତଂ ୩୦.୦୯.୨୦୨୬ ପର୍ଯ୍ୟନ୍ତ)** ପ୍ରସ୍ତାବପତ୍ର ସହିତ ସଂଲଗ୍ନ ଥିବା ଆବଶ୍ୟକ।

୭. ସ୍ୱୟଂ ସହାୟକ ଗୋଷ୍ଠୀର ପ୍ୟାନ୍‌କାର୍ଡ ଥିବା ଜରୁରୀ ଅଟେ।

୮. ସ୍ୱୟଂ ସହାୟକ ଗୋଷ୍ଠୀ ଅଳିଆ ସଂଗହ ଗୃପ୍‌ର ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ରରେ ତିନି ବର୍ଷର ପୂର୍ବ ଅଭିଜ୍ଞତା ଥିବା ଆବଶ୍ୟକ।

୯. ସ୍ୱୟଂ ସହାୟକ ଗୋଷ୍ଠୀର କୌଣସି ସଦସ୍ୟାଙ୍କ ବିରୁଦ୍ଧରେ କୌଣସି ଅପରାଧିକ ମାମଲାର ରେକର୍ଡ ନଥିବ ତଥା ଦେବାଳିଆ ହୋଇ ନଥିବ।

୧୦. ପ୍ରସ୍ତାବ ପତ୍ର ପ୍ରଦାନ ସମୟରେ ଦୁଇଟି ପ୍ରପୋଜାଲ କୁ ଅଲଗା ଅଲଗା କରି ପ୍ରଦାନ କରିବେ।

କ) ଟେକନିକାଲ ବିଡିଂ (ଅଲଗା ଇନ୍‌ଭଲପ) ଉପରେ "ୱାର୍ଡ ନଂ .....ର କଠିନ ବର୍ଜ୍ୟବସ୍ତୁ ପରିଚାଳନା ତଥା ଏହାର ସଂଗ୍ରହ ଏବଂ ସ୍ଥାନାନ୍ତର ଓ ଏହାକୁ ବିଓଭି ଦ୍ୱାରା ସମ୍ମତ କେନ୍ଦ୍ରକୁ ସ୍ଥାନାନ୍ତର ପାଇଁ ଟେକନିକାଲ ପ୍ରସ୍ତାବ ପତ୍ର" ଲେଖା ରହିବ- ଯେଉଁଥିରେ କି ପ୍ରସ୍ତାବ ପତ୍ର ସହିତ ସମସ୍ତ କାଗଜାତ ଯଥା- **ଗୃପର ରିଜଲ୍ୟୁସନ (୧ ବର୍ଷର), କ୍ୟାସ୍ ବୁକ୍ (୨ ବର୍ଷର), ପାସ୍‌ବୁକ(୧ ବର୍ଷର), ପ୍ୟାନ କାର୍ଡ, ଅଭିଜ୍ଞତା ପ୍ରମାଣପତ୍ର, ଇପିଏଫ, ଇଏସ୍‌ଆଇ, ଓ ପେପର ମୂଲ୍ୟ, ଇଏମେଡି ରାଶି ଇତ୍ୟାଦିର କପି ରହିଥିବ।** ମୂଲ୍ୟାଙ୍କନ ପଦ୍ଧତିରେ ଯେଉଁ ଗୋଷ୍ଠୀ ୪୦ମାର୍କରୁ ଅଧିକା ରଖିବେ ସେହି ଗୋଷ୍ଠୀ ମାନଙ୍କର ଫାଇନାନ୍ସିଆଲ ବିଡିକୁ ଖୋଲାଯିବ।

ଖ) ଫାଇନାନ୍ସିଆଲ ବିଡିଂ (ଅଲଗା ଇନ୍‌ଭଲପ) ଉପରେ **"ୱାର୍ଡ ନଂ ..... ର କଠିନ ବର୍ଜ୍ୟବସ୍ତୁ ପରିଚାଳନା ତଥା ଏହାର ସଂଗ୍ରହ ଏବଂ ସ୍ଥାନାନ୍ତର ଓ ଏହାକୁ ବିଓଭି ଦ୍ୱାରା ସମ୍ମତ କେନ୍ଦ୍ରକୁ ସ୍ଥାନାନ୍ତର ପାଇଁ ଫାଇନାନ୍ସିଆଲ ପ୍ରସ୍ତାବ ପତ୍ର"** ଲେଖା ରହିବ ଯେଉଁଥିରେ ୱାର୍ଡରେ ବର୍ଜ୍ୟବସ୍ତୁ ସଂଗ୍ରହ, ପୃଥକୀକରଣ ତଥା ସ୍ଥାନାନ୍ତର ପାଇଁ କେତେ ଅର୍ଥ ବ୍ୟୟ କରିବେ ଓ ଏହି ଅର୍ଥ କେଉଁ କେଉଁ ବାବଦ ପାଇଁ ଖର୍ଚ୍ଚ କରିବେ ତାହାର ବିସ୍ତୃତ ବିବରଣୀ ପ୍ରଦାନ କରିବେ।



ଅଭିଜିତ୍ ଷଡ଼ଙ୍ଗୀ

୧୧. ଆବେଦନରେ ସଫଳ ହୋଇଥିବା ସ୍ୱୟଂ ସହାୟକ ଗୋଷ୍ଠୀର ଚୁକ୍ତିପତ୍ର ସ୍ୱାକ୍ଷର ସହିତ ପ୍ରତ୍ୟେକ ୱାର୍ଡ ପାଇଁ ଟ.୫୦,୦୦୦.୦୦ଙ୍କା (ପଚାଶ ହଜାର ଟଙ୍କା) ମାତ୍ର ସିକ୍ୟୁରିଟି ଅର୍ଥ ଟର୍ମ ଡିପୋଜିଟ୍ ହିସାବରେ ନିର୍ବାହୀ ଅଧିକାରୀ ପାରାଦ୍ୱୀପ ପୌର ପାଳିକା ଙ୍କ ସପକ୍ଷରେ ୩ ବର୍ଷ ପାଇଁ ଜମା କରିବେ ।

୮. ଚୁକ୍ତି ଓ କାର୍ଯ୍ୟରେ ଅବହେଳା ପାଇଁ ଜୋରିମାନା।

a) ପ୍ରତିଦିନ ଗୋଟିଏ ଗାଡି ୬୦୦ ଗୃହରୁ ଅଳିଆ ସଂଗ୍ରହ କରିବେ ଏବଂ ଆବଶ୍ୟକ ସ୍ଥଳେ ଏକାଧିକ ଟ୍ରିପ୍ ଜରିଆରେ ସଂଶ୍ଳିଷ୍ଟ କେନ୍ଦ୍ରକୁ ପଠାଇବେ । ଏଥିରେ ଖିଲାପ ପରିଲକ୍ଷିତ ହେଲେ ଉକ୍ତ ଗାଡିର ବିଲରୁ ସେହିଦିନ ପାଇଁ ଯୋରିମାନା ଭାବେ ଟ.୫୦୦.୦୦ଙ୍କା କଟାଯିବ।

b) ଗାଡି ସଂପୂର୍ଣ୍ଣ କାର୍ଯ୍ୟକ୍ଷମ ରହିଥିବା ଆବଶ୍ୟକ ଯଥା:-

i) ଗାଡିରେ ପାରାଦ୍ୱୀପ ପୌର ପାଳିକା, ୱାର୍ଡ ନଂ, ଓଦା ଅଳିଆ, ଶୁଖିଲା ଅଳିଆ, ସ୍ୱତନ୍ତ୍ର ଯତ୍ନ ଆବର୍ଜନା ଓ ସ୍ୱାସ୍ଥ୍ୟଗତ ବର୍ଜ୍ୟବସ୍ତୁ(sanitary waste) ଅଳିଅଳ ଲେଖାଥିବା ସହିତ ଗାଡିର ରଂଗ ସୁନ୍ଦରତା ବଜାୟ ରହୁଥିବା ସହିତ ଗାଡିର ବାହ୍ୟ ଅଂଶ ଭଙ୍ଗାନଥିବା ଆବଶ୍ୟକ। ଏଥିରେ ଖିଲାପ ହେଲେ ଦିନ ପ୍ରତି ଟ.୩୦୦.୦୦ଙ୍କା (ତିନି ଶହ ଟଙ୍କା) ମାତ୍ର ମାସିକ ବିଲ୍‌ରୁ କଟାଯିବ।

ii) ସଚେତନତା ସୃଷ୍ଟି ନିମନ୍ତେ ଦିଆଯାଉଥିବା ବାର୍ତ୍ତାକୁ ଗାଡିରେ ବଜାଇବା ପାଇଁ ଆବଶ୍ୟକ ସାଉଣ୍ଡ ସିଷ୍ଟମ ନୂତନ ଭାବରେ ଲଗାଯାଇ ଥିବା ଆବଶ୍ୟକ। ଏଥିରେ ଖିଲାଫି ହେଲେ ପ୍ରତ୍ୟେକ ଦିନ ପାଇଁ ଟ.୫୦୦.୦୦ଙ୍କା (ପାଞ୍ଚ ଶହ ଟଙ୍କା) ମାତ୍ର ଆପଣଙ୍କ ମାସିକ ବିଲ୍‌ରୁ କଟାଯିବ।

iii) ବିଓଭି ପରିଚାଳନା କାର୍ଯ୍ୟରେ ଗାଡି ଅନୁପସ୍ଥିତ ରହିଲେ ସେହି ଦିନର ପ୍ରାପ୍ୟ ସଂପୂର୍ଣ୍ଣ କଟାଯିବ।

iv) ସ୍ୱଚ୍ଛ ସାରଥି କିମ୍ବା ସ୍ୱଚ୍ଛ କର୍ମୀ ଅନୁପସ୍ଥିତ ରହିଲେ ସେମାନଙ୍କ ପାଇଁ ସେହି ଦିନର ଉଦିଷ୍ଟ ପ୍ରାପ୍ୟ ଆପଣଙ୍କ ମାସିକ ବିଲ୍‌ରୁ କଟାଯିବ।

v) ଇପିଏଫ ଓ ଇଏସଆଇ ପ୍ରତ୍ୟେକ ମାସରେ ପ୍ରଦାନ କରାଗଲା ପରେ ଏହାର ରସିଦ୍ କୁ ପରବର୍ତ୍ତି ମାସର ବିଲ୍ ସହିତ ସଂଯୁକ୍ତ କରି ପ୍ରଦାନ କରାଗଲେ ବିଲ୍ ପ୍ରଦାନ କରାଯିବ।

vi) ଅଳିଆ ସଂଗ୍ରହ କରିବା ସମୟରେ କର୍ମଚାରୀ ମାନଙ୍କୁ ୟୁନିଫର୍ମ୍ ଓ ପିପିଇ କଟ୍ ପିନ୍ଧିଥିବା ଆବଶ୍ୟକ। ଏଥିରେ ବିଚ୍ୟୁତି ପରିଲକ୍ଷିତ ହେଲେ ସେହି ଦିନ ପାଇଁ ଟ.୫୦.୦୦ଙ୍କା ଆପଣଙ୍କ ବିଲ୍‌ରୁ କଟାଯିବ।

vii) ଅଳିଆ ସଂଗ୍ରହ କାର୍ଯ୍ୟରେ ନିୟୋଜିତ ସ୍ୱଚ୍ଛ ସାରଥି, ସ୍ୱଚ୍ଛ କର୍ମୀ ଓ ବିଓଭି ଗାଡିର ଇନ୍‌ସୁରାନ୍ସର କାଗଜାତ ପୌର କାର୍ଯ୍ୟାଳୟରେ ପ୍ରଦାନ କରିବେ ନଚେତ ଆପଣଙ୍କ ମାସିକ ବିଲ୍ ବନ୍ଦ କରାଯିବ।

ଅଗ୍ନିଶେଖ ଥୀ)
୦୨/୧୦/୨୦୨୬.
ନିର୍ବାହୀ ଅଧିକାରୀ
ପାରାଦ୍ୱୀପ ପୌର ପରିଷଦ

# ବୈଷୟିକ ପ୍ରସ୍ତାବ

# (Technical Proposal)

**ପାରାଦ୍ୱୀପ ପୌର ପରିଷଦ ଦ୍ୱାରା ବିକେନ୍ଦ୍ରୀ କରଣ କଠିନ ବର୍ଜ୍ୟବସ୍ତୁ ପରିଚାଳନା ତଥା ଏହାର ସଂଗ୍ରହ ଏବଂ ସ୍ଥାନାନ୍ତର ଓ ଏହାକୁ ବିଓଭି ଦ୍ୱାରା ସମ୍ମତ କେନ୍ଦ୍ରକୁ ସ୍ଥାନାନ୍ତର ନିମନ୍ତେ ପ୍ରସ୍ତାବପତ ପାଇଁ ବୈଷୟିକ ପ୍ରସ୍ତାବ ଦାଖଲ ପାଇଁ ଫର୍ମାଟ୍।**

ପ୍ରାପ୍ତେଷୁ

ଶ୍ରୀଯୁକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ

ପାରାଦ୍ୱୀପ ପୌର ପାଳିକା

ବିଷୟ:- ପାରାଦ୍ୱୀପ ପୌର ପାଳିକାର ଦ୍ୱାରା ବିକେନ୍ଦ୍ରୀ କରଣ କଠିନ ବର୍ଜ୍ୟବସ୍ତୁ ପରିଚାଳନା ତଥା ଏହାର ସଂଗ୍ରହ ଏବଂ ସ୍ଥାନାନ୍ତର ଓ ଏହାକୁ ବିଓଭି ଦ୍ୱାରା ସମ୍ମତ କେନ୍ଦ୍ରକୁ ସ୍ଥାନାନ୍ତର ପାଇଁ ବୈଷୟିକ ପ୍ରସ୍ତାବ ଦାଖଲ ପାଇଁ ଫର୍ମାଟ।

ମହାଶୟ,

ଆମେ, ------------ ସ୍ୱୟଂ ସହାୟକ ଗୋଷ୍ଠୀ ଆପଣଙ୍କର __________ ତାରିଖର Eol ଅନୁଯାୟୀ ଉପରୋକ୍ତ ପାଇଁ ସେବା ପ୍ରଦାନ କରିବାକୁ ପ୍ରସ୍ତାବ ଦେଉଛୁ। ଆମେ ଏଠାରେ ଆମର ଆବେଦନ ଦାଖଲ କରୁଛୁ ଯେଉଁଥିରେ ଏହି ବୈଷୟିକ ପ୍ରସ୍ତାବ ଏବଂ ଏକ ପୃଥକ ଲଫାଫା ତଳେ ସିଲ୍ ହୋଇଥିବା ଏକ ଆର୍ଥିକ ପ୍ରସ୍ତାବ ଅନ୍ତର୍ଭୁକ୍ତ। ଆମର ପ୍ରସ୍ତାବ 12 ମାସ ପାଇଁ ଗ୍ରହଣୀୟ ହେବ ଏବଂ ଆମେ ନିଶ୍ଚିତ କରୁଛୁ ଯେ ଏହି ପ୍ରସ୍ତାବ ଆମ ପାଇଁ ବାଧ୍ୟତାମୂଳକ ରହିବ ଏବଂ ଏହି ମିଆଦ ଶେଷ ହେବା ପୂର୍ବରୁ ଯେକୌଣସି ସମୟରେ ଆପଣଙ୍କ ଦ୍ୱାରା ଗ୍ରହଣୀୟ ହୋଇପାରେ। ଯଦି ପ୍ରସ୍ତାବର ବୈଧତା ଅବଧି ମଧ୍ୟରେ ଆଲୋଚନା କରାଯାଏ, ତେବେ ଆମେ ଆମର ପ୍ରସ୍ତାବର ଯୋଗ୍ୟତା ଆଧାରରେ ଆଲୋଚନା କରିବାକୁ ପ୍ରତିଶ୍ରୁତି ଦେଉଛୁ। ଆମର ପ୍ରସ୍ତାବ ଆମ ପାଇଁ ବାଧ୍ୟତାମୂଳକ ଏବଂ ଚୁକ୍ତିନାମା ଆଲୋଚନାରୁ ପରିଣାମ ସ୍ୱରୂପ ପରିବର୍ତ୍ତନ ଉପରେ ନିର୍ଭର କରେ। ଆମେ ଆପଣଙ୍କର ପ୍ରସ୍ତାବ ଅନୁରୋଧ (EOI) ରେ ପ୍ରଦାନ କରାଯାଇଥିବା ସୂଚନା ଯାଞ୍ଚ କରିଛୁ ଏବଂ ଆବଶ୍ୟକତା ଅନୁଯାୟୀ ବର୍ଣ୍ଣିତ କାର୍ଯ୍ୟ କରିବାକୁ ପ୍ରସ୍ତାବ ଦେଉଛୁ।

ଆମେ ସ୍ୱୀକାର କରୁଛୁ ଯେ ଯେକୌଣସି ଚୁକ୍ତିନାମା ଯାହା ହୋଇପାରେ ସେଥିରେ EOI ସହିତ ଜାରି ହୋଇଥିବା ଚୁକ୍ତିନାମା ଡକ୍ୟୁମେଣ୍ଟଗୁଡ଼ିକ ରହିବ ଏବଂ ଆମର ପ୍ରସ୍ତାବର ଅଂଶ ଭାବରେ ଦାଖଲ ହୋଇଥିବା ଡକ୍ୟୁମେଣ୍ଟଗୁଡ଼ିକ ଉପରେ ଆଧାରିତ ହେବ। ପ୍ରସ୍ତାବ (ବୈଷୟିକ ଏବଂ ଆର୍ଥିକ) ସ୍ୱାଧୀନ ଭାବରେ ଏବଂ ଏହି ଚୁକ୍ତିନାମା ପାଇଁ ଟେଣ୍ଡର ପାଇଁ ନିମନ୍ତ୍ରିତ ଅନ୍ୟ କୌଣସି ପକ୍ଷ ସହିତ ପରାମର୍ଶ, ଯୋଗାଯୋଗ, ଚୁକ୍ତିନାମା କିମ୍ବା ବୁଝାମଣା (ପ୍ରତିଯୋଗିତାକୁ ପ୍ରତିବନ୍ଧିତ କରିବା ଉଦ୍ଦେଶ୍ୟରେ) ବିନା ଉପସ୍ଥାପିତ ହୋଇଛି।

ଏହି ପ୍ରସ୍ତାବ ପ୍ରସ୍ତୁତି ଏବଂ ଦାଖଲ ସହିତ ଜଡ଼ିତ ସମସ୍ତ ଖର୍ଚ୍ଚ ଏବଂ ଚୁକ୍ତି-ପୂର୍ବର ଯେକୌଣସି ପରବର୍ତ୍ତୀ ଖର୍ଚ୍ଚ ବହନ କରିବାକୁ ଆମେ ରାଜି। ଏହି ପ୍ରସ୍ତାବରେ ଅନ୍ତର୍ଭୁକ୍ତ କିଛି ସୂଚନା ପ୍ରକାଶ କଲେ ଆମର ବାଣିଜ୍ୟିକ ସ୍ୱାର୍ଥ ପ୍ରତି କ୍ଷତିକାରକ ହେବ।

ମୁଁ ନିଶ୍ଚିତ କରୁଛି ଯେ ପ୍ରସ୍ତାବ ଦାଖଲ କରିବା ଏବଂ ତାଙ୍କ ପକ୍ଷରୁ ଯେକୌଣସି ବିବରଣୀ ସ୍ପଷ୍ଟ କରିବା ପାଇଁ ମୋ ପାଖରେ ______________________ SHG ର ଅଧିକାର ଅଛି। ଆମେ ବୁଝିପାରୁଛୁ ଯେ ସ୍ୱୟଂ ସହାୟକ ଗୋଷ୍ଠୀ ତରଫରୁ ଗ୍ରହଣ କରାଯାଇ ଥିବା ଯେକୌଣସି ପ୍ରସ୍ତାବକୁ ଗ୍ରହଣ କରିବାକୁ ଆପଣ ବାଧ୍ୟ ନୁହଁନ୍ତି।

ଅପଣଙ୍କ ବିଶ୍ୱସ୍ତ

| | |
|---|---|
| ସଭାପତି | ସଂପାଦିକା |
| ସ୍ୱୟଂ ସହାୟକ ଗୋଷ୍ଠୀର ସିଲ୍ | ସ୍ୱୟଂ ସହାୟକ ଗୋଷ୍ଠୀର ସିଲ୍ |

## ସ୍ୱୟଂ ସହାୟକ ଗୋଷ୍ଠୀର ବିବରଣୀ

| କ୍ର.ନଂ | ବର୍ଣ୍ଣନା | ବିବରଣୀ |
|---|---|---|
| ୧ | ସ୍ୱୟଂ ସହାୟକ ଗୋଷ୍ଠୀର ନାମ | |
| ୨ | ସ୍ୱୟଂ ସହାୟକ ଗୋଷ୍ଠୀର ଠିକଣା ଓ ୱାର୍ଡ ନଂ | |
| ୩ | ସ୍ୱୟଂ ସହାୟକ ଗୋଷ୍ଠୀର ଗଠନ ତାରିଖ | |
| ୪ | ସଭାପତି, ସଂପାଦିକାଙ୍କ ନାମ ଓ ଠିକଣା ଓ ମୋବାଇଲ ନଂ | |
| ୫ | ସ୍ୱୟଂ ସହାୟକ ଗୋଷ୍ଠୀର ପ୍ୟାନ ନଂ | |
| ୬ | ବ୍ୟାଙ୍କ ଖାତାର ବିବରଣୀ | ସେଭିଂ ପାସ୍‌ବୁକ୍ ନଂ:-<br>ବ୍ୟାଙ୍କର ନାମ:-<br>ଆଇଏଫଏସ୍‌ସି ନଂ:- |
| ୭ | ବିଗତ ବର୍ଷମାନଙ୍କରେ ସାମାଜିକ କାର୍ଯ୍ୟକଳାପରେ ସଂଶ୍ଲିଷ୍ଟ ବିବରଣୀ | |
| ୮ | କାଗଜାତ କ୍ରୟ ଡ୍ରାଫଟ୍‌ର ବିବରଣୀ (ଅଫେରସ୍ତ) | ଟ.୫,୦୦୦.୦୦<br>ଏମ.ଆର /ଡ୍ରାଫ୍ଟ ନଂ :-<br>ତାରିଖ:- |
| ୯ | ଇଏମ୍‌ଡି ର ବିବରଣୀ | ଟ.୩୦,୦୦୦.୦୦<br>ଡ୍ରାଫ୍ଟ ନଂ :-<br>ତାରିଖ:- |
| ୧୦ | ଇପିଏଫ ନଂ | |
| ୧୧ | ଇଏସ୍‌ଆଇ ନଂ | |
| ୧୨ | ଅଭିଜ୍ଞତା ବର୍ଷ | |

ସଭାପତି
ସ୍ୱୟଂ ସହାୟକ ଗୋଷ୍ଠୀର ସିଲ୍

ସଂପାଦିକା
ସ୍ୱୟଂ ସହାୟକ ଗୋଷ୍ଠୀର ସିଲ୍

# ସଂକଳ୍ପନାମା

ଆମ୍ଭ-------------------ସ୍ୱୟଂ ସହାୟକ ଗୋଷ୍ଠୀ---------------(ଠିକଣା), ୱାର୍ଡ ନଂ -----ର ନାମରେ କିମ୍ବା ପରିଚାଳନା ସମିତିରେ ଥିବା କୌଣସି ସଦସ୍ୟାଙ୍କ ନାମରେ କୌଣସି ଅପରାଧିକ ମାମଲା ନାହିଁ। ଏହାଦ୍ୱାରା ଆମ୍ଭେମାନେ ଘୋଷଣା କରୁଅଛୁ କି ପାରାଦ୍ୱୀପ ପୌର ପରିଷଦ ଦ୍ୱାରା ବି.ଓ.ଭି ଗାଡି ଦ୍ୱାରା ଅଳିଆ ସଂଗ୍ରହ କରିବା ପାଇଁ କରାଯାଇଥିବା ସମସ୍ତ ନିୟମାବଳୀ ଆମ୍ଭେ ମାନିବା ପାଇଁ ରାଜିଅଛୁ। ଯଦି ଏଥିରେ ବ୍ୟତିକ୍ରମ ହୁଏ, ତେବେ ଆମ୍ଭମାନଙ୍କର ବିରୋଧରେ ଆଇନ ଗର କାର୍ଯ୍ୟାନୁଷ୍ଠାନ କୁ ଆମ୍ଭେ ମାନିନେବୁ।

ସଭାପତିଙ୍କ ମୋହର ସହିତ ସ୍ୱାକ୍ଷର

ସମ୍ପାଦିକାଙ୍କ ମୋହର ସହିତ ସ୍ୱାକ୍ଷର

ତାରିଖ



ଅକ୍ଷିଲେଖ

## ପ୍ରସ୍ତାବ ପତ୍ରର ମୂଲ୍ୟାଙ୍କନ ପଦ୍ଧତି:

ପ୍ରସ୍ତାବ ପତ୍ର ପ୍ରଦାନ କରିଥିବା ସମସ୍ତ ଗୋଷ୍ଠୀ ର କାଗଜାତ ନିମ୍ନ ଲିଖିତ ମାନଦଣ୍ଡ ଅନୁଯାୟୀ ମୂଲ୍ୟାଙ୍କନ କରାଯିବ। **ମୂଲ୍ୟାଙ୍କନ ପରେ ୪୦ ମାର୍କରୁ ଅଧିକ ରଖିଥିବା ଗୋଷ୍ଠୀର ଫାଇନାନ୍ସିଆଲ ପ୍ରପୋଜାଲ ଖୋଲାଯିବ।**

| କ୍ର.ନଂ. | ପରିମାପର ବିଷୟ | ସଙ୍କେତକ | ମାର୍କ | ମୋଟ ପ୍ରାପ୍ତ ମାର୍କ |
|---|---|---|---|---|
| ୧ | **ନିୟମିତ ସଞ୍ଚୟ** | ୮୦% ରୁ ଅଧିକ ସଦସ୍ୟ ନିୟମିତ ସଞ୍ଚୟ କରନ୍ତି (୧୦ ମାର୍କ)<br>୫୦% -୮୦% ସଦସ୍ୟ ନିୟମିତ ସଞ୍ଚୟ କରନ୍ତି (୫ ମାର୍କ)<br>୫୦% ରୁ କମ୍ ସଦସ୍ୟ ନିୟମିତ ସଞ୍ଚୟ କରନ୍ତି (୦ ମାର୍କ) | ୧୦ ମାର୍କ | |
| ୨ | ଅଭିଜ୍ଞତା | ପ୍ରଥମ ଦୁଇ ବର୍ଷରେ ସ୍ୱଚ୍ଛତା କାର୍ଯ୍ୟକଳାପ ପାଇଁ (୧୦ ମାର୍କ)<br>ପ୍ରତି ୧ବର୍ଷର ଅଧିକ କାର୍ଯ୍ୟକଳାପ ପାଇଁ- (୨.୫ ମାର୍କ)<br>(ସର୍ବାଧିକ-୧୫ମାର୍କ) | ୧୫ ମାର୍କ | |
| ୩ | ଜମାରାଶି (ତା୩୧.୮.୨୦୨୬ ସୁଦ୍ଧା) | ୩ ଲକ୍ଷରୁ ଉର୍ଦ୍ଧ (୧୦ ମାର୍କ)<br>୩ଲକ୍ଷରୁ ୨ ଲକ୍ଷ ମଧ୍ୟରେ (୦୭ ମାର୍କ)<br>୨ ଲକ୍ଷରୁ ୫୦ ହଜାର ମଧ୍ୟରେ (୦୫ ମାର୍କ)<br>୫୦ ହଜାରରୁ କମ୍ (୦ ମାର୍କ) | ୧୦ ମାର୍କ | |
| ୪ | **ଖାତା ପତ୍ର ଲିଖନ** (ଯଦି ଖାତା ଥିବ ଏବଂ ନିୟମିତ ଲେଖାହେଉଥିବ) | ନିୟମିତ ଅଧିବେଶନ ଓ ଲିଖନ (୦୩ ମାର୍କ) | ୧୫ ମାର୍କ | |
| | | ନିୟମିତ ବ୍ୟାଙ୍କରେ ସଭ୍ୟଚାନ୍ଦା ସଞ୍ଚୟ ଓ ଲିଖନ (୦୩ ମାର୍କ) | | |
| | | ସମସ୍ତ ଖାତାପତ୍ର ଲିଖନ (୦୪ ମାର୍କ) | | |
| | | ନିୟମିତ ଅର୍ଥ କାରବାର (ନିଜ ଗୋଷ୍ଠୀ ମଧ୍ୟରେ ଲୋନ ଅର୍ଥ ପ୍ରଦାନ) (୦୫ ମାର୍କ) | | |
| | | **ସର୍ବମୋଟ ମାର୍କ** | ୫0 ମାର୍କ | |

ଅଣୁଷ୍ଠେଖ

# ଆର୍ଥିକ ପ୍ରସ୍ତାବ

## (Financal Proposal)

ପ୍ରାପ୍ତେଷୁ

ଶ୍ରୀଯୁକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ

ପାରାଦ୍ୱୀପ ପୌର ପାଳିକା

ବିଷୟ:- ପାରାଦ୍ୱୀପ ପୌର ପରିଷଦ ଦ୍ୱାରା ବିକେନ୍ଦ୍ରୀ କରଣ କଠିନ ବର୍ଜ୍ୟବସ୍ତୁ ପରିଚାଳନା ତଥା ଏହାର ସଂଗ୍ରହ ଏବଂ ସ୍ଥାନାନ୍ତର ଓ ଏହାକୁ ବିଓଭି ଦ୍ୱାରା ସମ୍ମତ କେନ୍ଦ୍ରକୁ ସ୍ଥାନାନ୍ତର ଆର୍ଥିକ ପ୍ରସ୍ତାବ ଦାଖଲ ପାଇଁ ଫର୍ମାଟ ଦାଖଲ।

ମହାଶୟ,

ଆମେ, ------------- ସ୍ୱୟ ସହାୟକ ଗୋଷ୍ଠୀ , ଆପଣଙ୍କର ------- ତାରିଖର ବିକେନ୍ଦ୍ରୀ କରଣ କଠିନ ବର୍ଜ୍ୟବସ୍ତୁ ପରିଚାଳନା ତଥା ଏହାର ସଂଗ୍ରହ ଏବଂ ସ୍ଥାନାନ୍ତର ଓ ଏହାକୁ ବିଓଭି ଦ୍ୱାରା ସମ୍ମତ କେନ୍ଦ୍ରକୁ ସ୍ଥାନାନ୍ତର ପାଇଁ ସେବା ପ୍ରଦାନ କରିବାକୁ ପ୍ରସ୍ତାବ ଦେଉଛୁ। ଆମର ଆର୍ଥିକ ପ୍ରସ୍ତାବ ସଦୟ ଅନୁସନ୍ଧାନ ପାଇଁ ଏଠାରେ ସଂଲଗ୍ନ କରାଯାଇଛି। ଏହି ପରିମାଣ ସ୍ଥାନୀୟ କର ସହିତ ଅନ୍ତର୍ଭୁକ୍ତ, ଯାହା କ୍ଲାଏଣ୍ଟଙ୍କ ଉପୃତ୍ତି ଅନୁସାରେ ପ୍ରଯୁଜ୍ୟ। ଚୁକ୍ତିନାମା ଆଲୋଚନାରୁ ପରିଣାମ ସ୍ୱରୂପ, ପ୍ରସ୍ତାବର ବୈଧତା ଅବଧି ସମାପ୍ତ ହେବା ପର୍ଯ୍ୟନ୍ତ ଆମର ଆର୍ଥିକ ପ୍ରସ୍ତାବ ଆମ ପାଇଁ ବାଧ୍ୟତାମୂଳକ ହେବ। ଏହି ପ୍ରସ୍ତାବ ସହିତ ଜଡିତ କୌଣସି ଫି, ଗ୍ରାଚ୍ୟୁଇଟି, ରିହାତି, କମିଶନ କିମ୍ବା ଅନ୍ୟାନ୍ୟ ଦେୟ ଦିଆଯାଇ ନାହିଁ କିମ୍ବା ଗ୍ରହଣ କରାଯାଇ ନାହିଁ। ଆମେ ବୁଝିପାରୁଛୁ ଯେ, ଆପଣ ଗ୍ରହଣ କରିଥିବା କୌଣସି ପ୍ରସ୍ତାବକୁ ଗ୍ରହଣ କରିବାକୁ ଆପଣ ବାଧ୍ୟ ନୁହଁନ୍ତି।

ସଭାପତିଙ୍କ ମୋହର ସହିତ ସ୍ୱାକ୍ଷର ସମ୍ପାଦିକାଙ୍କ ମୋହର ସହିତ ସ୍ୱାକ୍ଷର

ତାରିଖ

# ଆର୍ଥିକ ପ୍ରସ୍ତାବ

# (Financal Proposal)

କାର୍ଯ୍ୟର ନାମ :- ପାରାଦ୍ୱୀପ ପୌର ପରିଷଦ ଦ୍ୱାରା ବିକେନ୍ଦ୍ରୀ କରଣ କଠିନ ବର୍ଜ୍ୟବସ୍ତୁ ପରିଚାଳନା ତଥା ଏହାର ସଂଗ୍ରହ ଏବଂ ସ୍ଥାନାନ୍ତର ଓ ଏହାକୁ ବିଓଭି ଦ୍ୱାରା ସମ୍ମତ କେନ୍ଦ୍ରକୁ ସ୍ଥାନାନ୍ତର

ଇଏମ୍‌ଡି- ଟ.୩୦,୦୦୦.୦୦ଙ୍କା (ତିରିଶି ହଜାର ଟଙ୍କା ମାତ୍ର)

ପେପର ମୂଲ୍ୟ- ଟ.୫,୦୦୦.୦୦ଙ୍କା (ପାଞ୍ଚ ହଜାର ଟଙ୍କା ମାତ୍ର)

| Sl. No. | Particular | Rate | Amount |
|---|---|---|---|
| 1. | ବିଓଭି ମୂଲ୍ୟ- | ୨୧୧.୧୧ | ୬୩୩୩.୩୩ |
| 2. | ବିଓଭି ଡ୍ରାଇଭର ପାଇଣା | ୫୭୨.୦୦ | ୧୭,୧୬୦.୦୦ |
| | ହେଲପରଙ୍କ ପାଉଣା | ୪୭୨.୦୦ | ୧୪,୧୬୦.୦୦ |
| 3. | ପିପିଇ କିଟ୍‌ର ମୂଲ୍ୟ | ୧୬.୬୭ | ୫୦୦.୦୦ |
| 4. | ଯାନବାହାନ ରକ୍ଷଣାବେକ୍ଷଣ ମୂଲ୍ୟ | ୧୨୬.୬୭ | ୩୮୦୦.୦୦ |
| 5. | ବିଦ୍ୟୁତ ଦେୟ (୩୦ ଦିନ ପାଇଁ) | ୧୧୦.୦୦ | ୩୩୦୦.୦୦ |
| | **Total** | | ୪୫,୨୫୩.୩୩ |
| | ସୁପରଭିଜନ ଚାର୍ଜ (୭.୫%) | | ୩୩୯୪.୦୦ |
| | ଇପିଏଫ (୧୩%) | | ୪୦୭୧.୦୦ |
| | ଇଏସ୍‌ଆଇ (୩.୨୫%) | | ୧୦୧୭.୯୦ |
| | ସର୍ବ ମୋଟ୍ | | ୫୩,୭୩୭.୦୦ |

- ସୁପରଭିଜନ ଚାର୍ଜେସ୍ -------- % ଅକ୍ଷରରେ( )
- ଯଦି ସୁପରଭିଜନ ଚାର୍ଜେସ୍ ୭.୫%ରୁ ଅଧିକ ଥିବ, ତେବେ କର୍ତ୍ତୃପକ୍ଷ ଉକ୍ତ ଆର୍ଥିକ ବିଡ୍‌କୁ ନାକଚ କରି ପାରିବାର ଅଧିକାର ରଖନ୍ତି।
- ବିଭିନ୍ନ ସମୟରେ ସରକାରଙ୍କ ଶ୍ରମ ଓ ନିଯୁକ୍ତି ବିଭାଗ ଦ୍ୱାରା ବର୍ଦ୍ଧିତ ଶ୍ରମିକ ମଜୁରୀ ଅନୁଯାୟୀ ନିୟୋଜିତ (କ୍ରମିକ ନଂ ୨,୩) ର ଶ୍ରମିକ ମାନଙ୍କ ପାଉଣା ବର୍ଦ୍ଧିତ ପ୍ରାପ୍ୟରେ ପ୍ରଦାନ କରାଯିବ।
- ଯଦି ୱାର୍ଡ ପାଇଁ ଏକାଧିକ ବିଡର ସୁପରଭିଜନ ଚାର୍ଜ ଏଲ୍-୧ (L1) ହୁଅନ୍ତି ତେବେ ଲଟେରୀ ମାଧ୍ୟମରେ ବିଡର ଚୟନ କରାଯିବ।

ଅତିରିକ୍ତ ଅଧି.
05/10/2026.

ଶିଲ୍ ସହ ସଭାପତି/ସଂସ୍ଥାଦିକାଙ୍କ ସ୍ୱାକ୍ଷର ଓ ମୋହର

ନିର୍ବାହୀ ଅଧିକାରୀ
ପାରାଦ୍ୱୀପ ପୌର ପାଳିକ